# ପୁଲିସ୍-ନକ୍ସଲ ଗୁଳି ବିନିମୟ

**ମାଲକାନଗିରି, ୧୨।୨/ଏନ୍ଏନ୍ଏସ୍:**

ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ଯୋଡ଼ାମ୍ବ ପଞ୍ଚାୟତ ନିକଟସ୍ଥ ଜଙ୍ଗଲରେ ଆଜି ଦୀର୍ଘ ସମୟ ଧରି ପୁଲିସ -ନକ୍ସଲ ଗୁଳି ବିନିମୟ ହୋଇଥିଲା । ଏଠାରେ ନକ୍ସଲଙ୍କ ଏକ କ୍ୟାମ୍ପ ଥିବା ଖବର ପାଇ ମାଲକାନଗିରିର ଏସ୍ଓଜି ଓ ଆନ୍ଧ୍ର ଗ୍ରେହାଉଣ୍ଡ୍ ମିଳିତ ଭାବେ କମ୍ବିଂ ଅପରେସନ କରିଥିଲେ । ତେବେ ସୁରକ୍ଷାକର୍ମୀଙ୍କୁ ଦେଖି ନକ୍ସଲମାନେ ପ୍ରଥମେ ଗୁଳିମାଡ଼ କରିଥିଲେ । ସୁରକ୍ଷାକର୍ମୀଙ୍କ ପକ୍ଷରୁ ମଧ୍ୟ ଏହାର କଡ଼ା ଜବାବ ଦିଆଯାଇଥିଲା । ଫଳରେ ଦୀର୍ଘ ସମୟ ଧରି ଉଭୟ ପକ୍ଷଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ପରେ ଘଟଣାସ୍ଥଳରୁ ନକ୍ସଲମାନେ ଛତ୍ରଭଙ୍ଗ ଦେଇଥିଲେ । ଏହି କ୍ୟାମ୍ପରେ ଆର୍‌କେଙ୍କ ସମେତ ବହୁ ହାର୍ଡକୋର୍ ମାଓବାଦୀ ଥିବା କୁହାଯାଉଛି । ଗୁଳି ବିନିମୟ ପରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଆଖପାଖ ଅଞ୍ଚଳ ତଲାସୀ କରାଯିବା ବେଳେ ନକ୍ସଲଙ୍କ ଏକ କ୍ୟାମ୍ପ ଠାବ ହୋଇଥିଲା । ଏଥିରୁ ଟିଫିନ୍ ବୋମା, ବହୁ କିଟ୍‌ବ୍ୟାଗ, ବନ୍ଧୁକ, ଏକେ-୪୭ର ଗୁଳି , କିଛି ୩୦୩ ଗୁଳି, ତାର ବଣ୍ଡଲ, ସବୁଜ ପୋଷାକ, ୯ ଏମ୍ଏମ୍ କାର୍‌ବାଇନ୍ ମାଗାଜିନ୍, ୯ ଏମ୍ଏମ୍ କାର୍‌ବାଇନ୍ ଗୁଳି, ଡେଟୋନେଟର୍ ଓ ବିସ୍ଫୋରକ ସାମଗ୍ରୀ ସହ କିଛି ବ୍ୟବହୃତ ସାମଗ୍ରୀ ମିଳିଥିବା ପୁଲିସ ପକ୍ଷରୁ ଏକ ପ୍ରେସ୍ ଇସ୍ତାହାରରେ କୁହାଯାଇଛି । ଘଟଣାସ୍ଥଳରେ କମ୍ବିଂ ଅପରେସନ ଜାରି ରହିଛି ବୋଲି ମାଲକାନଗିରି ଏସ୍‌ପି ଜଗମୋହନ ମୀନା କହିଛନ୍ତି ।